# ମାଟି ବଡ଼ ନା ପାର୍ଟି ?

୦୪/୦୩/୨୦୦୯

## ଆମ ଘରର ହାଲଚାଲ୍

**ସୌମ୍ୟରଞ୍ଜନ ପଟ୍ଟନାୟକ**

ରେଳ ବଜେଟ୍ ସଂକ୍ରାନ୍ତୀୟ ଆମ ରାଜନେତାମାନଙ୍କର ପ୍ରତିକ୍ରିୟା ଆମ ଓଡ଼ିଶାର ଏକ ମୌଳିକ ଦୁର୍ବଳତାକୁ ସୂଚେଇ ଦେଉଛି । ରେଳ ବଜେଟ୍‌ରେ ଓଡ଼ିଶାକୁ ଅବହେଳା କରାଯାଇଛି ବୋଲି ପ୍ରଦେଶ କଂଗ୍ରେସର ସଭାପତି ସମାଲୋଚନା କରି ନବୀନବାବୁଙ୍କୁ ଏନ୍.ଡି.ଏ.ରୁ ଓହରି ଆସିବାପାଇଁ ଆହ୍ୱାନ ଜଣାଇଛନ୍ତି । ଆଉ ପାଦେ ଆଗକୁ ଯାଇ ଦରକାର ପଡ଼ିଲେ ନବୀନବାବୁଙ୍କୁ ସରକାର ଗଢ଼ିବାପାଇଁ କଂଗ୍ରେସ ସମର୍ଥନ ଦେବ ବୋଲି ପ୍ରକାଶ କରି ଏକରକମ ରାଜନୈତିକ ଚମକ ସୃଷ୍ଟି କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ପ୍ରକାର ସମର୍ଥନ ପାଇଁ ଧନ୍ୟବାଦ ଦେଇ ତାହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଅପରପକ୍ଷରେ ନବୀନବାବୁ ମମତା ବାନାର୍ଜୀଙ୍କର ରେଳ ବଜେଟ୍ ତାଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବଗୁଡ଼ିକୁ ଉପେକ୍ଷା କରିଛି ବୋଲି କହି କ୍ଷୋଭପ୍ରକାଶ କରିବା ସଂଗେ ସଂଗେ ପ୍ରଧାନମନ୍ତ୍ରୀଙ୍କ ପାଖରେ ଏହାର ପ୍ରତିକାର ପାଇଁ ଫେରାଦ କରିଛନ୍ତି । ପ୍ରଧାନମନ୍ତ୍ରୀ କାଲେ ଦୀର୍ଘ ୮ ମିନିଟ୍ ଧରି ମୁଖ୍ୟମନ୍ତ୍ରୀଙ୍କ ସହିତ ଟେଲିଫୋନ୍‌ରେ କଥା ହୋଇଛନ୍ତି ଏବଂ ପୂର୍ବତଟ ରେଳବାଇର ମୁଖ୍ୟ କାର୍ଯ୍ୟାଳୟ ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସତେ ଯେପରି ପୂର୍ବତଟ ମୁଖ୍ୟ କାର୍ଯ୍ୟାଳୟ ପାଇଁ ପ୍ରସ୍ତାବିତ ବ୍ୟୟବରାଦ ୫ ଲକ୍ଷ ଟଙ୍କାକୁ ୫୦ ଲକ୍ଷ କରିଦେଲେ ନବୀନବାବୁଙ୍କର କ୍ଷୋଭ ଦୂରୀଭୂତ ହୋଇଯିବ । ଏଣେ ବିଜେଡି ସଂସଦୀୟ ଦଳ ଦିଲ୍ଲୀରେ ବୈଠକ କରି ଜାତୀୟ ସାମ୍ମୁଖ୍ୟରୁ ଓହରି ଯିବାପାଇଁ ନିଷ୍ପତ୍ତି ନେଇଥିବା କଥା ଖବରକାଗଜରେ ପ୍ରକାଶ ପାଇଛି । ତାଙ୍କ ନେତା ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅର୍ଜୁନ ସେଠୀ ଏ ବିଷୟରେ କିନ୍ତୁ କିଛି କହିବାକୁ ରାଜି ନୁହନ୍ତି । ଅସନ୍ତୁଷ୍ଟ ନେତା ପ୍ରସନ୍ନ ଆଚାର୍ଯ୍ୟ ଓହରିଯିବା ପରି କଠୋର ନିଷ୍ପତ୍ତି ନେବା ସମ୍ପର୍କରେ ସାମ୍ବାଦିକମାନଙ୍କୁ ସୂଚନା ଦେବାରେ ଆଦୌ ସଙ୍କୋଚ କରୁନାହାନ୍ତି । ବିଜେଡି ବିଧାୟକ ଦଳ ରେଳ ବଜେଟରେ ଓଡ଼ିଶାର ଉପେକ୍ଷାକୁ ଏକ ପ୍ରସଙ୍ଗ କରିଛନ୍ତି । ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟିର ସାଂସଦମାନେ ରେଳ ବଜେଟରେ ଓଡ଼ିଶା ପ୍ରତି ଅବହେଳା ହୋଇନାହିଁ ବୋଲି ଦିଲ୍ଲୀରୁ ଥାଇ ବିବୃତିମାନ ଦେଇଛନ୍ତି । ବିଜେପିର ଦୁଇମନ୍ତ୍ରୀ ଓଲଟା ପରିସଂଖ୍ୟାନ ଦୃଷ୍ଟିରୁ ପୂର୍ବ ସରକାର ଏବଂ ପୂର୍ବ ବର୍ଷମାନଙ୍କ ତୁଳନାରେ ଏଥର ଅଧିକ ଅର୍ଥ ବରାଦ ହୋଇଛି ବୋଲି ସଫେଇଦେଇ ସନ୍ତୋଷ ପ୍ରକାଶ କରିଛନ୍ତି । କିନ୍ତୁ କୌତୂହଳର ବିଷୟ ଏହି ଯେ, ବିଜେପି ବିଧାୟକ ଦଳ ରେଳ ବଜେଟରେ ଓଡ଼ିଶାକୁ ଉପେକ୍ଷା କରାଯାଇଛି ବୋଲି ଲୋକଦେଖାଣିଆ ଅଭିଯୋଗ ଆଣିଛନ୍ତି । ରେଳ ବଜେଟ୍ ସମ୍ପର୍କରେ ଆମର ରାଜନେତାମାନଙ୍କ ମତମନ୍ତବ୍ୟକୁ ଅନୁଧ୍ୟାନ କରି ଅବହେଳା ସମ୍ପର୍କରେ କିଏ କ'ଣ କହୁଛନ୍ତି, କେଉଁଠି ଓ କେମିତି କହୁଛନ୍ତି ଏବଂ କାହାକୁ କହୁଛନ୍ତି - ଏ ସବୁକୁ ନେଇ ଟିକେ ତଳେଇ ଦେଖିଲେ ଆମର ଅସଲ ଦୁର୍ବଳତାଟି ପଦାରେ ପଡ଼ିଯାଉଛି ।

ଆମ ବିଚାରରେ ଆମର ଅସଲ ଦୁର୍ବଳତା ହେଲା, ଓଡ଼ିଶାର ମୌଳିକ ପ୍ରସଙ୍ଗ ଉପରେ ରାଜନୈତିକ ଦଳ ଓ ନେତାମାନଙ୍କ ମଧ୍ୟରେ ସର୍ବନିମ୍ନ ସହମତିର ଅଭାବ । ବିଗତ ବର୍ଷମାନଙ୍କରେ ଏ ପ୍ରକାର ସହମତିର ଅଭାବ ଆମକୁ ଅକାରଣରେ ବହୁଧା ବିଭାଜିତ କରିଛି । କେନ୍ଦ୍ର ସରକାରମାନେ ଆମ ନେତୃତ୍ୱର ଏ ପ୍ରକାର ଦୁର୍ବଳତାର ସୁଯୋଗ ନେଇ ଓଡ଼ିଶାର ମୌଳିକ ସମସ୍ୟା ପ୍ରତି ଯେତିକି ଦୃଷ୍ଟି ଦେବା କଥା, ସେତିକି ଦୃଷ୍ଟି ଦେଇନାହାନ୍ତି । ବରଂ ଆମ ଦୁର୍ବଳତା ସେମାନଙ୍କୁ ଅନେକ ନିରାପତ୍ତା ଯୋଗାଇଛି । ଆମ ନେତାମାନଙ୍କର ଉପରୋକ୍ତ ବିବୃତିମାନଙ୍କରୁ ଗୋଟିଏ କଥା ଅତ୍ୟନ୍ତ ସ୍ପଷ୍ଟ ଯେ, ଏଥିରେ କାହାରି କାଣିଚାଏ ବି ଆନ୍ତରିକତା ନାହିଁ । ରେଳ ବଜେଟ୍‌କୁ ପରିସଂଖ୍ୟାନ ଦୃଷ୍ଟିରୁ ତୁଳନା କଲେ ନିଶ୍ଚିତ ଭାବରେ ବିଚାର ବିଭ୍ରାଟ ହେବ । ବିଜେପିର ନୂଆ ମନ୍ତ୍ରୀମାନଙ୍କୁ ଏକଥା କ'ଣ ବୁଝେଇ କହିବା ଦରକାର ଯେ, ଓଡ଼ିଶାର ଭାବଗତ ଏକତା ଓ ଅର୍ଥନୈତିକ ବିକାଶ ପାଇଁ ରେଳବାଇର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ? ସେମାନେ ଏ ବର୍ଷର ବ୍ୟୟବରାଦର ହିସାବ ଦେଉଛନ୍ତି । ଭାରତୀୟ ରେଳବାଇର ଜାତୀୟ ସ୍ଥିତି ଏବଂ ତହିଁରେ ଓଡ଼ିଶାର ସ୍ଥାନର ହିସାବ ରଖିଛନ୍ତି କି ? ଜାତୀୟ ହିସାବ ହେଲା, ପ୍ରତି ୧୦୦୦ ବର୍ଗ କିଲୋମିଟର ଭୂମିପାଇଁ ୧୯ କିଲୋମିଟର ରେଳ ଲାଇନ୍ ଥିବାବେଳେ ଓଡ଼ିଶାରେ ଏହାର ହାର ୧୨.୮୬ କିଲୋମିଟର । ପଶ୍ଚିମବଙ୍ଗରେ ଏହା ୪୩ କିଲୋମିଟର ହୋଇଥିବାବେଳେ, ବିହାରରେ ଏହା ମାତ୍ର ୩୦ କିଲୋମିଟର । ଓଡ଼ିଶାର ଉପକୂଳ ଏବଂ ଖଣିଜ ସମ୍ପଦରେ ଭରା ଅନ୍ୟ ଅଞ୍ଚଳଗୁଡ଼ିକ ସହ ରେଳ ଯୋଗାଯୋଗ ପ୍ରତିଷ୍ଠିତ ନ ହେଲେ ଓଡ଼ିଶାରେ ବିକାଶ ସମ୍ଭବ ହେବନାହିଁ । ଏବେ ଅଧିକାଂଶ ବୃହତ ଶିଳ୍ପ ବନ୍ଦର ଉପରେ ନିର୍ଭର କରୁଛନ୍ତି । ଓଡ଼ିଶାର ଉପକୂଳରେ ପାରାଦୀପକୁ ଛାଡ଼ି ଆଉ ଦୁଇଟି ବୃହତ ବନ୍ଦରର ସମ୍ଭାବନା ରହିଛି । ଏହି ବନ୍ଦରଗୁଡ଼ିକୁ ଯଦି ଖଣିଜ ସମ୍ପଦ ଭରା ଅଞ୍ଚଳଗୁଡ଼ିକ ସହିତ ସଂଯୋଗ କରାଯାଏ, ତା'ହେଲେ ଏ ଶତାବ୍ଦୀରେ ଓଡ଼ିଶାରେ ପୁଞ୍ଜି ବିନିଯୋଗ ପାଇଁ ଆମକୁ ଆଉ ଭିକ୍ଷାଥାଳ ଧରି ବାରଦ୍ୱାର ବୁଲିବାକୁ ପଡ଼ିବ ନାହିଁ । ଓଡ଼ିଶାରେ ଆବଶ୍ୟକ ପଡୁଥିବା ରେଳ ଲାଇନ୍‌ର ପ୍ରତିଟି ମାଇଲ୍ ଭବିଷ୍ୟତ ବ୍ୟବସାୟିକ ଲାଭ ଦୃଷ୍ଟିରୁ ସମ୍ଭାବନାପୂର୍ଣ୍ଣ ଓ ଯୁକ୍ତିଯୁକ୍ତ । କିଏ କହୁନାହିଁ ରେଳ ବଜେଟର ସମସ୍ତ ପୁଞ୍ଜି ଓଡ଼ିଶାକୁ ଢାଳି ଦିଆଯାଉ ବୋଲି । କିନ୍ତୁ ବିଗତ ୫୦ ବର୍ଷର ଅବହେଳା ଏବଂ ପୁଞ୍ଜିଭୂତ ଅସନ୍ତୋଷର ପ୍ରତିକାର ପାଇଁ ଯେଉଁ ସଦିଚ୍ଛା ଏବଂ ସହାନୁଭୂତି ଓଡ଼ିଶାବାସୀ ମହାନୁଭବ ଅଟଳ ବିହାରୀ ବାଜପେୟୀ ଏବଂ ବିଜୁନନ୍ଦନ ନବୀନଙ୍କଠାରୁ ଆଶା କରୁଥିଲେ ତାହା ମମତା ଦିଦି ଯେ ନିଜ ସ୍ୱାର୍ଥପାଇଁ କରାଇ ଦେଇନାହାନ୍ତି, ଏକଥା କିନ୍ତୁ ଜୋର୍ ଦେଇ କହିବାକୁ ପଡ଼ିବ । ଶହ ଶହ ବର୍ଷର ସାମାଜିକ ଶୋଷଣର ଶିକାର ହୋଇଥିବା ଆଦିବାସୀ ଓ ହରିଜନ ଭାଇଭଉଣୀଙ୍କର ପୁନରୁତ୍ଥାନ ପାଇଁ ଯଦି ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥା ହୋଇପାରୁଛି, ଗତ ୫୦ ବର୍ଷର ଅବହେଳାର ପ୍ରତିକାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇପାରିବ ନାହିଁ କାହିଁକି ? ରାଜନୈତିକ ଚାପରେ ପ୍ରଧାନମନ୍ତ୍ରୀ ଏବଂ ଆମ ମୁଖ୍ୟମନ୍ତ୍ରୀ ଚୁପ୍ ରହୁଛନ୍ତି । କେବଳ ଲୋକଲଜ୍ଜ୍ୟା ଏବଂ ବିଧାନସଭା ଅଧିବେଶନ ସମୟରେ ବିରୋଧୀ ଦଳର ଆକ୍ରମଣରୁ ବଞ୍ଚିବାପାଇଁ ଲୋକଦେଖାଣିଆ ସଂସଦୀୟ ବୈଠକ, ବିବୃତି ଏବଂ କ୍ଷୋଭ ପ୍ରକାଶ ଚାଲିଛି । ଭାରତୀୟ ଜନତା ପାର୍ଟିର ଦୁଇ ମନ୍ତ୍ରୀ ଏବଂ ଜାନକୀବାବୁଙ୍କର ବିବୃତି କଟା ଘା'ରେ ଚୂନ ସଦୃଶ ହୋଇଛି । କ୍ଷଣକ ପାଇଁ ଯଦି ଏମାନେ ନିଜ ନିଜର ରାଜନୈତିକ ସ୍ଥିତିକୁ ପରସ୍ପର ମଧ୍ୟରେ ବଦଳାଇ ଦିଅନ୍ତି, ଅର୍ଥାତ୍ କେନ୍ଦ୍ରରେ କଂଗ୍ରେସ ସରକାର ଆସିଯାଆନ୍ତା ଏବଂ ଭାରତୀୟ ଜନତା ପାର୍ଟି ବିରୋଧୀ ଦଳରେ ରହନ୍ତା, ତା'ହେଲେ ଏମାନଙ୍କର ବିବୃତି ବଦଳିବାରେ ଆଖି ମିଟିକାଏ ମଧ୍ୟ ସମୟ ଲାଗନ୍ତା ନାହିଁ । ଜାନକୀବାବୁ ଦୀର୍ଘ ୧୫ ବର୍ଷ କାଳ ମୁଖ୍ୟମନ୍ତ୍ରୀ ଥିଲେ । ସେତେବେଳେ କେନ୍ଦ୍ରରେ କଂଗ୍ରେସ ସରକାର ମଧ୍ୟ ଥିଲା । କେନ୍ଦ୍ରର ଅବହେଳା ପାଇଁ ସେ କେତେଥର ମୁଖ୍ୟମନ୍ତ୍ରୀ ହିସାବରେ କ୍ଷୋଭ ପ୍ରକାଶ କରିଛନ୍ତି ? ସେହିପରି ବିଜେପି ମନ୍ତ୍ରୀମାନଙ୍କଠୁ ଓଡ଼ିଶାର ସ୍ୱାର୍ଥ ପାଇଁ ବାଜପେୟୀ ସରକାର ବିରୋଧରେ ଲୋକଦେଖାଣିଆ ବିବୃତିଟିଏ ମଧ୍ୟ ଆଶା କରିବା କ'ଣ ଆମମାନଙ୍କର ବୋକାମୀ ନୁହେଁ ? ଏମାନେ ହେଲେ ହାଇକମାଣ୍ଡଙ୍କର ଆଶୀର୍ବାଦରେ ଆମ ନେତା । ବାଜପେୟୀ, ଆଡଭାନୀ ଟିକେ ଆଡ଼ ନୟନରେ ଚାହିଁଦେଲେ ଏମାନଙ୍କୁ ସାଇକେଲ୍‌ଟିଏ ଚଢ଼ିବାପାଇଁ ମଧ୍ୟ ମିଳିବ ନାହିଁ । କଂଗ୍ରେସ ନେତାଏ ସହଜେ ତ ଆଶୀର୍ବାଦ ରାଜନୀତିର ପାଣି ପବନରେ ବଢ଼ିଛନ୍ତି ଏବଂ ଯାହା କିଛି ହୋଇଛନ୍ତି ଇନ୍ଦିରା, ରାଜୀବ ଏବଂ ସୋନିଆଙ୍କ ଆଶୀର୍ବାଦରେ ହୋଇଛନ୍ତି । ତେବେ ବର୍ତ୍ତମାନ କେନ୍ଦ୍ରରେ କଂଗ୍ରେସ କ୍ଷମତାରେ ନ ଥିବା ଦୃଷ୍ଟିରୁ ଜାନକୀବାବୁ ସତକଥାଟି କହିବାପାଇଁ ଗୋଟିଏ ସୁଯୋଗ ପାଇଛନ୍ତି । ତାଙ୍କର ୧୫ ବର୍ଷର ମୁଖ୍ୟମନ୍ତ୍ରୀତ୍ୱ ସୁନା ଘଣ୍ଟିରେ ଟଙ୍ଗେଇ ସଦୃଶ ଥିଲା । ଆଜି ଏ ପ୍ରକାର ବିବୃତି ଦେଇ ସେ ନିଶ୍ଚୟ ଅନେକ ଆନନ୍ଦ ଅନୁଭବ କରୁଥିବେ ।

ଅସଲ କଥାଟି ହେଲା- ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଆଜି ଦଳମତ ନିର୍ବିଶେଷରେ କେତୋଟି ମୌଳିକ ପ୍ରସଙ୍ଗ ଉପରେ ଆମମାନଙ୍କ ଭିତରେ ସହମତି ନ ହେଲେ ଓଡ଼ିଶାର ବିକାଶ ଏ ଶତାବ୍ଦୀରେ ମଧ୍ୟ ସମ୍ଭବ ହେବନାହିଁ । ଅତୀତର ଭୁଲ୍ ଭଟକାକୁ ନେଇ ପରସ୍ପର ମଧ୍ୟରେ କାଦୁଅ ଫୋପଡ଼ା ଫୋପଡ଼ି ହୋଇ ଆମେ ସାମୟିକ ରାଜନୈତିକ ବାଜି ମାରି ନେବାପାଇଁ ଉଦ୍ୟମ କଲେ ଆମ ଉତ୍ତରପୁରୁଷମାନେ ଆମକୁ ଉପହାସ କରିବେ । ଆଜି ଓଡ଼ିଶା ଏକ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ଗତକାଲି ପର୍ଯ୍ୟନ୍ତ ଦରିଦ୍ର ରାଜ୍ୟମାନଙ୍କ ମଧ୍ୟରେ ବିହାର ଆମ ଆଗରେ ଥିଲା ବୋଲି ନିଜକୁ ସାନ୍ତ୍ୱନା ଦେଉଥିଲୁ । ଆଜି କିନ୍ତୁ ବିହାରକୁ ପଛକୁ ଠେଲି ଆମେ ଦରିଦ୍ରତମ ରାଜ୍ୟର ମାନ୍ୟତା ପାଇଗଲୁଣି । ୨୦ ହଜାର କୋଟି ଟଙ୍କାର ଋଣ ବୋଝକୁ ୪ କୋଟି ଲୋକ ମୁଣ୍ଡେଇବା ପାଇଁ ଆଉ ସମର୍ଥ ନୁହନ୍ତି । ସରକାରଙ୍କର ଏକମାତ୍ର ସଫଳତା ମାସକୁ ମାସ ନିୟମିତ ଦରମା ଦେବାର ସାମର୍ଥ୍ୟ ଆଜି ଆଉ ନାହିଁ । ୫୦ ଭାଗ ଲୋକ ଏବେ ନିରକ୍ଷର ଥିବାବେଳେ ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ଏକାଦଶ ଅର୍ଥ କମିଶନ୍‌ଙ୍କର ହିସାବ ଅନୁସାରେ ଆମେ ୬ ହଜାର ୬୪୫ କୋଟି ଟଙ୍କାରୁ ବଞ୍ଚିତ । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ଦେବାପାଇଁ ଆମପାଖରେ ସମସ୍ତ ତଥ୍ୟ ଓ ପ୍ରମାଣ ରହିଛି । ବିଜେଡିର ଇସ୍ତାହାରରେ ଏହା ସର୍ବାଗ୍ରେ ଉଲ୍ଲେଖ ଥିବା ସତ୍ତ୍ୱେ ରାଜନୈତିକ ଇଚ୍ଛାଶକ୍ତି ଓ ସହମତିର ଅଭାବରୁ ଠିକ୍‌ଭାବେ ଉପସ୍ଥାପିତ ହୋଇପାରୁନାହିଁ ।

ଏଭଳି ଏକ ସଙ୍କଟରୁ ମୁକ୍ତି ପାଇବାକୁ ହେଲେ ରାଜନୈତିକ ଦଳର ନେତାମାନେ କେତୋଟି ମୌଳିକ ପ୍ରସଙ୍ଗ ଉପରେ ଏକଜୁଟ ହୋଇ ନିଜ ନିଜର ରାଜନୈତିକ ସ୍ୱାର୍ଥର ଉପରକୁ ଯାଇ ବେସାଲିଶ୍ ସଂଗ୍ରାମ କରିବାପାଇଁ ପ୍ରସ୍ତୁତ ହେବା ଦରକାର । ଏ ସଂଗ୍ରାମର ପ୍ରଥମ ପାହାଚରେ ପାଦଦେଇ ଆଜି ନବୀନବାବୁ, ଜାନକୀବାବୁ ଏବଂ ବିଜେପିର ନୂଆ ନେତାମାନେ ଘୋଷଣା କରନ୍ତୁ ଯେ, ଓଡ଼ିଶାର ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ । ରେଳବାଇର ପୂର୍ବତଟ ମୁଖ୍ୟ କାର୍ଯ୍ୟାଳୟ ଏକ ଛୋଟ ପ୍ରସଙ୍ଗ । ଅସଲ ପ୍ରସଙ୍ଗ ହେଲା, ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥାର ଆବଶ୍ୟକତା । ଗତକାଲି ଏଭଳି ବ୍ୟବସ୍ଥା ପଞ୍ଜାବ ଓ ଉତ୍ତର-ପୂର୍ବ ରାଜ୍ୟମାନଙ୍କ ପାଇଁ କରାଯାଇଛି । ଆଜି ଗୁଜରାଟ ପାଇଁ କରାଯାଉଛି । ଆସନ୍ତା କାଲି ଆମପାଇଁ ଚିନ୍ତା କରାଯାଉ । ଏକାଦଶ ଅର୍ଥ କମିଶନ ଆମପ୍ରତି ଯେଉଁ ଅନ୍ୟାୟ କରିଛି, ତା'ର ପ୍ରତିକାର ସାମ୍ବିଧାନିକ ଉପାୟରେ ଏବେ ଆଉ ସମ୍ଭବ ନୁହେଁ । ତେବେ ଓଡ଼ିଶାର ସବୁକିଛି ଆର୍ଥିକ ଦେୟକୁ ଆସନ୍ତା ୫ ବର୍ଷ ପାଇଁ ନୂଆ ଅର୍ଥ କମିଶନର ବିଚାର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଉ, ତା'ହେଲେ ସରକାର ଚଳମାନ ଅବସ୍ଥାକୁ ଆସିବ । ଆମପାଇଁ କିଛି କରିବାକୁ ସମର୍ଥ ହେବ । ତା' ନ କରି ବ୍ୟକ୍ତିଗତ କ୍ଷମତା ଲୋଭରେ ଆମେ ଯଦି ପାର୍ଟି ପ୍ରତି ଅଧିକ ଆଦର ଏବଂ ମାଟି ପ୍ରତି ତତୋଧିକ ହତାଦର ପ୍ରକଟ କରିବାରେ ପ୍ରତିଯୋଗିତା କରିବା ତା'ହେଲେ ଆମ ଉତ୍ତରପୁରୁଷମାନେ ଆମକୁ କେବେ କ୍ଷମା ଦେବେନାହିଁ ।

ମାଆ, ମାଟି ଓ ମାତୃଭାଷାକୁ ସମ୍ମାନ ଜଣେଇବାର ଯେଉଁ ପରମ୍ପରା ଆମ ଶାସ୍ତ୍ର ସାହିତ୍ୟରେ ଅଛି, ତାକୁ ଆମ ନେତାମାନଙ୍କୁ କିଏ ବୁଝେଇବ ?